सत्यमेव जयते

# ଓଡ଼ିଶାରେ

# ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି



27 NOV 1958
ରଉରକେଲ

ଓଡ଼ିଶା ସରକାରଙ୍କ ଘରୋଇ (ଲୋକସଂପର୍କ)
ବିଭାଗର ଅଭିନବ ଇଂରାଜୀ ପ୍ରକାଶନ

# VISIT ORISSA

ପ୍ରତିବର୍ଷ ଓଡ଼ିଶାର କୀର୍ତ୍ତି-ସମ୍ଭାର, ଶିଳ୍ପ-ସମୃଦ୍ଧି ଓ ପ୍ରାକୃତିକ ଦୃଶ୍ୟ-ବୈଭବ ଦେଖିବାକୁ ଯେଉଁ ପର୍ଯ୍ୟଟକମାନେ ସହସ୍ର ସହସ୍ର ସଂଖ୍ୟାରେ ଆସୁଅଛନ୍ତି, ସେମାନଙ୍କ ହାତରେ ଏ ବହିରୁ ଖଣ୍ଡେ ଖଣ୍ଡେ ରହିଲେ ସେମାନେ ଓଡ଼ିଶା ସଂକ୍ରାନ୍ତ ଯାବତୀୟ ପ୍ରୟୋଜନୀୟ ତଥ୍ୟ ଏଥିରୁ ଅବଗତ ହେବେ ଏବଂ ଏଥିରେ ସନ୍ନିବିଷ୍ଟ ଚିତ୍ରାବଳୀରୁ ଦର୍ଶନୀୟ ସ୍ଥାନ ଓ ସାମଗ୍ରୀମାନଙ୍କ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ଓଡ଼ିଶାରେ ମଧ୍ୟ ସାଧାରଣ ପାଠକପାଠିକାଙ୍କ ଜ୍ଞାନବର୍ଦ୍ଧନ ଓ ମନୋରଞ୍ଜନ ନିମନ୍ତେ ଏଥିରେ ଅନ୍ୟତ୍ର-ଅପ୍ରାପ୍ୟ ବହୁତ ବିଷୟ ରହିଅଛି ।

ମୂଲ୍ୟ—ପ୍ରତିଖଣ୍ଡ ଟ୫୧ ମାତ୍ର ( ରେଜିଷ୍ଟ୍ରି ଡାକରେ ନେଲେ ମାସୁଲ ଅଧିକା ପଡ଼ିବ )

ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ—

(୧) ଘରୋଇ (ଲୋକସଂପର୍କ) ବିଭାଗ ଅଫିସ
ପୋ: ଅ: ନଉକାପିଠାଲ ଭୁବନେଶ୍ୱର
(ପୁରୀ) ଓଡ଼ିଶା


(୧) ଆପଣଙ୍କ ଜିଲ୍ଲାର
ଲୋକସଂପର୍କ ଅଫିସ



ଓଡ଼ିଶାର ମୁଖ୍ୟମନ୍ତ୍ରୀ
ଡକ୍ଟର ହରେକୃଷ୍ଣ ମହତାବ



ସ୍ୱାଧୀନତା ଦିବସ ଉପଲକ୍ଷେ ବାଲେଶ୍ୱରରେ
ଲୋକସମ୍ପର୍କ ବିଭାଗ ଉପମନ୍ତ୍ରୀ ବୃକ୍ଷରୋପଣ କରୁଅଛନ୍ତି



ଗାଁଗହଳରେ ଭ୍ରାମ୍ୟମାଣ ପାଠାଗାରର ଏକ ଦୃଶ୍ୟ । ଶଗଡ଼ରେ ବହି ବୋହାଇ କରି ନେଇ ଗାଁ ଲୋକମାନଙ୍କୁ ବହି ପଢ଼ିବାକୁ ଦିଆଯାଉଛି । ପ୍ରୌଢ଼-ଶିକ୍ଷା ପ୍ରସାର ଦିଗରେ ଏହା ବିଶେଷ ସାହାଯ୍ୟ କରୁଛି

27 NOV 1958
DEC

सत्यमेव जयते

Presented to Pragati Utkal Sangha
By
Amarnath
27.12.58

# ଓଡ଼ିଶାରେ
# ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି

୧୯୫୭-୫୮

27 NOV 1958

ପ୍ରକାଶକ
ଘରୋଇ (ଲୋକସଂପର୍କ) ବିଭାଗ, ଓଡ଼ିଶା
ଭୁବନେଶ୍ୱର

# 'ଉତ୍କଳ ପ୍ରସଙ୍ଗ'ର
# କିପରି ଗ୍ରାହକ ହେବେ

ଆପଣମାନଙ୍କ ନିଜ ଜିଲ୍ଲାର ପବ୍ଲିକ୍ ରିଲେସନ୍ସ ଅଫିସର୍‌ଙ୍କୁ ଅଗ୍ରିମ ଦୁଇଟଙ୍କା ଚାନ୍ଦା ଦେଇଦେଲେ ବା ମନିଅର୍ଡ଼ର କରିଦେଲେ ସେ ବର୍ଷକ ପାଇଁ ଆପଣଙ୍କୁ 'ଉତ୍କଳ ପ୍ରସଙ୍ଗ'ର ଗ୍ରାହକ କରି ଦେବେ । ଆପଣ ଘରେ ବସି ଡାକ ଯୋଗେ ମାସକୁ ମାସ ବାରମାସ ଯାଏ 'ଉତ୍କଳ ପ୍ରସଙ୍ଗ' ପାଉଥିବେ । 'ଉତ୍କଳ ପ୍ରସଙ୍ଗ' ପ୍ରତି ଇଂରାଜୀ ମାସର ୧୫ ତାରିଖ ଦିନ ପ୍ରକାଶିତ ହୁଏ ।

ଏହା ନ କରି ଆପଣ ଯଦି ତଳଲିଖିତ ଠିକଣାକୁ ଦୁଇଟଙ୍କା ଅଗ୍ରିମ ପଠାଇ ଦିଅନ୍ତି ବା ମନିଅର୍ଡ଼ର କରି ଦିଅନ୍ତି, ତାହାହେଲେ ମଧ୍ୟ ଆପଣ ବର୍ଷକପାଇଁ 'ଉତ୍କଳ ପ୍ରସଙ୍ଗ'ର ଗ୍ରାହକ ହୋଇପାରିବେ । ଚିଠିରେ ବା ମନିଅର୍ଡ଼ର କୁପନରେ ନିଜ ନାଁ, ଗାଁ ନାଁ ଓ ଡାକଘର ନାଁ ପରିଷ୍କାର ଭାବରେ ଲେଖିବେ ।

ପବ୍ଲିକ୍ ରିଲେସନସ୍ ଅଫିସର୍
ଗଭର୍ଣ୍ଣମେଣ୍ଟ ଅଫ୍ ଓଡ଼ିଶା
ପୋ: ଅ: ନିଉ କାପିଟାଲ ଭୁବନେଶ୍ୱର
ଜିଲ୍ଲା ପୁରୀ

# ବିକାଶ-ବିପ୍ଳବ

## ଶ୍ରୀ ହରେକୃଷ୍ଣ ମହତାବ

୧୯୨୧ ସାଲ ଅସହଯୋଗ ଆନ୍ଦୋଳନ ଆରମ୍ଭ କରି ମହାତ୍ମା ଗାନ୍ଧୀ ସ୍ୱାଧୀନତା-ବିପ୍ଳବର ସୂତ୍ରପାତ କରିଥିଲେ । ସେ ବିପ୍ଳବ ଜୟଯୁକ୍ତ ହେଲା ୧୯୪୭ ସାଲ ଅଗଷ୍ଟ ତା ୧୫ ରିଖ ଦିନ । ତା ପରେ ପଣ୍ଡିତ ଜବାହରଲାଲଙ୍କ ନେତୃତ୍ୱରେ ଭାରତରେ ବିକାଶ-ବିପ୍ଳବ ଆରମ୍ଭ ହୋଇଛି । ସ୍ୱାଧୀନତାର ବିପ୍ଳବବେଳେ ଦେଶର ବହୁ ଲୋକ ନାନା କଷ୍ଟ ଭୋଗ କରିଛନ୍ତି, ନାନା ନିର୍ଯାତନା ସହ୍ୟ କରିଛନ୍ତି । ସେହି ତ୍ୟାଗଫଳରେ ପୂର୍ଣ୍ଣ ଛବିଶ ବର୍ଷର ନିରବଚ୍ଛିନ୍ନ ଉଦ୍ୟମଯୋଗେ ସ୍ୱାଧୀନତା-ବିପ୍ଳବ ସଫଳ ହେଲା । ଦେଶ ସ୍ୱାଧୀନ ହେଲା । କିନ୍ତୁ ସ୍ୱାଧୀନତା କୌଣସି ଦେଶର ଶେଷ ଲକ୍ଷ୍ୟ ନୁହେଁ । ସ୍ୱାଧୀନତା ହେଉଛି ଗୋଟିଏ ଉପାୟ । ଦେଶ ସ୍ୱାଧୀନତା ଦାବି କଲା ନିଜର ବିକାଶ ପାଇଁ । ଇଂରେଜ ଶାସନରେ ଦେଶର ଉନ୍ନତିର ପଥ ରୁଦ୍ଧ ହୋଇଯାଇଥିଲା । ସେହି ପଥର ଉନ୍ମୋଚନ ପାଇଁ ସ୍ୱାଧୀନତାର ବିପ୍ଳବ ।

ଏହି ଅବସରରେ ଶାସନ ସମ୍ବନ୍ଧରେ ଗୋଟିଏ ମୋଟାମୋଟି ଧାରଣା ମନେ ରଖିବାକୁ ହେବ । ଶାସନ କହିଲେ ଦୁଇଟି କାର୍ଯ୍ୟ

ବୁଝାଏ, ପ୍ରଥମ ଶାନ୍ତିରକ୍ଷା ଓ ଦ୍ୱିତୀୟ ଉନ୍ନତିମୂଳକ କାର୍ଯ୍ୟ । ଧନଜୀବନ ନିରାପଦ ରଖିବା ଓ ଶତ୍ରୁ ଆକ୍ରମଣରୁ ଦେଶକୁ ରକ୍ଷା କରିବା ହେଉଛି ଶାସନର ଶାନ୍ତିରକ୍ଷା କାର୍ଯ୍ୟ । ଏ କାର୍ଯ୍ୟଟି ଇଂରେଜମାନେ ଅତି ଭଲଭାବରେ କରିଥିଲେ । ଏ ଦିଗରେ ସେମାନଙ୍କ ନିପୁଣତା ବାସ୍ତବିକ ପ୍ରଶଂସନୀୟ । ଇଂରେଜମାନଙ୍କ ଏ ଦେଶକୁ ଆସିବାର ଅବ୍ୟବହିତ ପୂର୍ବରୁ ଦେଶରେ ଚୋରଆଡ଼େ ଅରାଜକତା ବ୍ୟାପିଥିଲା । ବହୁ ପରିଶ୍ରମ କରି ଦୃଢ଼ତାର ସହ ଇଂରେଜମାନେ ଶାନ୍ତି ରକ୍ଷା କଲେ । ସେଥିପାଇଁ ଇଂରେଜ ଶାସନ ପ୍ରଥମେ ଜନପ୍ରିୟ ହୋଇଥିଲା; କିନ୍ତୁ ଇଂରେଜ ଶାସକ ଦ୍ୱିତୀୟ କାର୍ଯ୍ୟଟି ଅର୍ଥାତ୍ ଉନ୍ନତିମୂଳକ କାର୍ଯ୍ୟ ପ୍ରତି ଦୃଷ୍ଟିଦେଲେ ନାହିଁ । ମହାତ୍ମା ଗାନ୍ଧୀ ବିପ୍ଳବ ଆରମ୍ଭ କଲାବେଳେ କହିଥିଲେ—"ଇଂରେଜମାନେ ଦେଶକୁ ଶାନ୍ତି ଦାନ କରିଛନ୍ତି ସତ, ମାତ୍ର ତାହା ଶବର ଶାନ୍ତି । କବରରେ ମୃତ ଦେହ ଯେପରି ଶାନ୍ତିରେ ଥାଏ, ସେହିପରି ଶାନ୍ତି ଦେଶରେ ଆଣିଛନ୍ତି ଇଂରେଜ ।" କେବଳ ଶାନ୍ତି ନୁହେଁ, ବିକାଶ ମଧ୍ୟ ଶାସନର କର୍ତ୍ତବ୍ୟ ବୋଲି ଇଂରେଜ ଶାସକ ମନେ କଲେ ନାହିଁ । ସେତେବେଳେ ପୃଥିବୀସାରା କୌଣସି ଦେଶ ଶାସନରେ ସେ କାର୍ଯ୍ୟଟି ଅଛି ବୋଲି ମନେ କରୁ ନ ଥିଲେ । ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଉନ୍ନତି ସବୁ କ୍ଷେତ୍ରରେ ଦେଶ ପଛରେ ପଡ଼ିଗଲା । ସେହି ସମୟ ମଧ୍ୟରେ ଇଉରୋପ, ଆମେରିକା ପ୍ରଭୃତି ଦେଶ ମହାଦେଶମାନ ଶିଳ୍ପସମୃଦ୍ଧି ଲାଭ କରି ଏତେ ବେଶୀ ଅଗ୍ରସର ହୋଇଗଲେ, ଯେ ଭାରତ ପରି ଏକ ବିଶାଳ ଦେଶ ପୃଥିବୀ ଭିତରେ ଅନୁନ୍ନତ ଦେଶ ବୋଲି ପରିଗଣିତ ହେଲା । କେବଳ ସେତିକି ନୁହେଁ, ଭାରତବାସୀ ଅନ୍ୟ ଦେଶମାନଙ୍କର ଘୃଣା, ପରିହାସ ଓ ଅନୁକମ୍ପାର ପାତ୍ର ହେଲା । ଏହାର ବିରୋଧରେ ହେଲା

## ★ ପାଞ୍ଚ ★

ବିପ୍ଳବ । ବିଦେଶୀ ଶାସନକୁ ଦୂର କରି ସ୍ୱରାଜ୍ୟ ସ୍ଥାପନ ନ କଲେ ଦେଶର ବିକାଶ ସାଧିତ ହେବ ନାହିଁ; ଏହି ବିଶ୍ୱାସ ଦୃଢ଼ୀଭୂତ ହେବା ପରେ ବିପ୍ଳବର ପରିକଳ୍ପନା ଆରମ୍ଭ ହେଲା ।

ଏଥିରୁ ସ୍ପଷ୍ଟ ଜଣାଯିବ ଯେ ବିକାଶ ହେଉଛି ଅନ୍ତିମ ଲକ୍ଷ୍ୟ ଓ ସେହି ଲକ୍ଷ୍ୟ ସାଧନ ପାଇଁ ସ୍ୱାଧୀନତା ହେଲା ଉପାୟ । ସେ ଉପାୟକୁ ଆରମ୍ଭ କରିବା ପାଇଁ ହେଲା ସ୍ୱାଧୀନତାର ବିପ୍ଳବ । ସେ ବିପ୍ଳବ ଜୟଯୁକ୍ତ ହେବା ପରେ, ଦେଶ ସ୍ୱାଧୀନତା ଲାଭ କରିବା ପରେ ବିକାଶର ଲକ୍ଷ୍ୟ ଆସି ସମ୍ମୁଖରେ ଉପସ୍ଥିତ । ବିକାଶ ସାଧିତ ନ ହେଲେ ସ୍ୱାଧୀନତା ମଧ୍ୟ ବ୍ୟର୍ଥ । ବିକାଶ ଦିଗରେ ମନ ନ ଦେଇଥିବାରୁ ଇଂରେଜ ଶାସକ ନିନ୍ଦିତ ହେଲେ ଓ ଶେଷରେ ବହିଷ୍କୃତ ମଧ୍ୟ ହେଲେ । ସ୍ୱରାଜ୍ୟଶାସନରେ ବିକାଶ ସାଧିତ ନ ହେଲେ ସ୍ୱରାଜ୍ୟ ମଧ୍ୟ ନିନ୍ଦିତ ହେବ ଓ ଜନତାଦ୍ୱାରା ପରିତ୍ୟକ୍ତ ହେବ । ତେଣିକି ଲୋକେ ଭାବିବାକୁ ଆରମ୍ଭ କରିବେ, ଲୋକଶାସନ ଦ୍ୱାରା ବିକାଶ ସାଧିତ ହୋଇ ପାରିବ ନାହିଁ । ହୁଏତ ଏକଛତ୍ର ଶାସନ ଦ୍ୱାରା ତାହା ସାଧିତ ହୋଇପାରେ । ଏଣୁ ଲୋକ-ଶାସନରେ ଯେଉଁମାନଙ୍କର ବିଶ୍ୱାସ, ସେମାନଙ୍କର ବର୍ତ୍ତମାନ ଧର୍ମ ହେଉଛି ବିକାଶ ଦିଗରେ ମନ ଦେବା ।

ରାଜନୈତିକ ଦଳମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଚାଲିବା ସ୍ୱାଭାବିକ । କିନ୍ତୁ ସେ ପ୍ରତିଦ୍ୱନ୍ଦ୍ୱିତାର ବିଷୟ-ବସ୍ତୁ ହେବା ଉଚିତ, କେଉଁ ଦଳ ଦେଶକୁ ବିକାଶ ଦିଗରେ ବେଶୀ ଆଗେଇ ନେବ । କିନ୍ତୁ ବିକାଶବିରୋଧୀ ମନୋଭାବ ବା ବାୟୁମଣ୍ଡଳ ସୃଷ୍ଟି କରିବା କୌଣସି ରାଜନୈତିକ ଦଳର ପ୍ରତ୍ୟକ୍ଷ ବା ପରୋକ୍ଷ କାର୍ଯ୍ୟ ହେବା

ଉଚିତ ନୁହେଁ । ଏଣୁ ରାଜନୈତିକ ମତାନୈକ୍ୟ ନିର୍ବିଶେଷରେ ସମସ୍ତେ ଦେଶର ବିକାଶ ଦିଗରେ ଦୃଷ୍ଟି ଦେବା ଉଚିତ ।

ଦେଶର ସମୃଦ୍ଧ ବିକାଶ ପାଇଁ ପଞ୍ଚବର୍ଷୀୟ ଯୋଜନାମାନ ଆରମ୍ଭ ହୋଇଛି । ପଞ୍ଚବର୍ଷୀୟ ଯୋଜନା ଦ୍ୱାରା ଦେଶର ବିକାଶ ସାଧନ କରିବାର ପରିକଳ୍ପନା ପ୍ରଥମେ ଆରମ୍ଭ ହୋଇଥିଲା ରୁଷିଆରେ ୧୯୨୮ ସାଲରେ । ସେହି କାଳରୁ ପାଞ୍ଚବର୍ଷରୁ ପାଞ୍ଚବର୍ଷ ଯୋଜନାମାନ ହାତକୁ ନେଇ ରୁଷିଆ ଏକ ଅନୁନ୍ନତ ଦେଶର ଅବସ୍ଥାରୁ ଉଠି ବର୍ତ୍ତମାନ ପୃଥିବୀରେ ଶ୍ରେଷ୍ଠ ଶକ୍ତିଶାଳୀ ଦେଶ ହୋଇ ପାରିଛି; କିନ୍ତୁ ସାଧାରଣ ଜନତାର ଉନ୍ନତିମୂଳକ କାର୍ଯ୍ୟ ରୁଷିଆରେ ସେପରି ଅଗ୍ରସର ହୋଇନାହିଁ, ଯେପରି ରାଷ୍ଟ୍ରଶକ୍ତି ବୃଦ୍ଧି କରିବାରେ ହୋଇଛି । କାରଣ ରୁଷିଆ ସ୍ଥିର କଲେ ଶକ୍ତିଶାଳୀ ଦେଶ ହେବା ପାଇଁ ।

କିନ୍ତୁ ଭାରତ ସ୍ଥିର କରିଛି, ଶକ୍ତି ବୃଦ୍ଧି ଦିଗରେ ଦୃଷ୍ଟି ନ ଦେଇ ଜନତାର ସାମାଜିକ ଓ ଅର୍ଥନୈତିକ ଉନ୍ନତି ସାଧନ କରିବା ପାଇଁ । ସେଥିପାଇଁ ଏ ରାଷ୍ଟ୍ର 'ଜନମଙ୍ଗଳ ରାଷ୍ଟ୍ର' ବୋଲି ଘୋଷିତ ହୋଇଛି । କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ସବୁ ଦିଗରେ ଏ ଦେଶକୁ ଅନ୍ୟ ଯେ କୌଣସି ଉନ୍ନତ ଦେଶ ସହ ସମକକ୍ଷ କରିବା ପାଇଁ ଭାରତ ବର୍ତ୍ତମାନ ବଦ୍ଧପରିକର । ସେହି ଉଦ୍ଦେଶ୍ୟରେ ସ୍ୱାଧୀନତାପ୍ରାପ୍ତି ସଙ୍ଗେ ସଙ୍ଗେ ପଞ୍ଚବର୍ଷୀୟ ଯୋଜନା ଆରମ୍ଭ କରାଯାଇଛି । ପ୍ରଥମ ପଞ୍ଚବର୍ଷୀୟ ଯୋଜନା ବାସ୍ତବିକ ସେ ପ୍ରକାର ବିଧିବଦ୍ଧ ଯୋଜନା ନ ଥିଲା । ପୂର୍ବରୁ ଗଢ଼ି ଆସୁଥିବା କେତେକ କାମ ଓ ନୂତନ ଅଳ୍ପ କେତୋଟି କାମ ହାତକୁ ନିଆ ହୋଇଥିଲା ମାତ୍ର । କିନ୍ତୁ ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନା ବିଧିବଦ୍ଧ

ଭାବରେ ପ୍ରସ୍ତୁତ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ସାତ ଆଠ ବର୍ଷ ଭିତରେ ଶିଳ୍ପକ୍ଷେତ୍ରରେ ଭାରତ ଯେପରି ଅଗ୍ରଗତି କରିଛି, ସେପରି ଭାରତରେ ତ ଗତ ପଚିଶ ଶହେ ବର୍ଷ ଭିତରେ ହୋଇ ନ ଥିଲା; ସମ ଅବସ୍ଥାରେ ଥିବା ଅନ୍ୟ ଯେ କୌଣସି ଦେଶରେ ମଧ୍ୟ ସାଧିତ ହୋଇ ନାହିଁ । ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରଭୃତି ଦିଗରେ ମଧ୍ୟ ଉନ୍ନତି ସାଧିତ ହୋଇଛି । ମାତ୍ର ଆହୁରି ବେଶି କରିବାକୁ ବାକି ଅଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି, ଗ୍ରାମଗୋଷ୍ଠୀ ଯୋଜନା, ଜାତୀୟ ସମ୍ପ୍ରସାରଣ ଯୋଜନା ବା ବ୍ଲକ ବୋଲି ଯାହାକୁ କୁହାଯାଇଛି, ତାହା । ଭାରତ ଏକ ଗ୍ରାମପ୍ରଧାନ ଦେଶ । କେବଳ ୩୪ଟି ବଡ଼ ବଡ଼ ସହର ଛାଡ଼ିଦେଲେ ଆଉ ଯେଉଁସବୁ ସହର ଅଛି, ସେ ମଧ୍ୟ ସବୁ ଶ୍ରେଷ୍ଠ ସହର । ସଫା କଥା କହିବାକୁ ହେଲେ କଟକ ମଧ୍ୟ ସହର ଶବ୍ଦବାଚ୍ୟ ନୁହେଁ । ଲକ୍ଷେ ଦେଢ଼ଲକ୍ଷଙ୍କର ଏକ ସହରକୁ କେବଳ ଭଦ୍ରତା ଖାତିରରେ 'ସିଟି' ବୋଲି କୁହାଯାଉଛି । ନ ହେଲେ ବାସ୍ତବିକ କଟକ କୌଣସି ଦୃଷ୍ଟିରୁ 'ସିଟି' ନୁହେଁ । ହେଲେ ମଧ୍ୟ ଏହିପରି ଶ୍ରେଷ୍ଠ ସହରସଂଖ୍ୟା ମଧ୍ୟ ଅତି ଅଳ୍ପ; କିନ୍ତୁ ବାକି ଦେଶଟାଯାକ ହେଉଛି କେବଳ ଗ୍ରାମ । ଏଣୁ ଗ୍ରାମର ଉନ୍ନତି ସାଧିତ ନ ହେଲେ ଦେଶର ଉନ୍ନତି ସାଧିତ ହେଲା ବୋଲି କୁହାଯାଇ ପାରିବ ନାହିଁ । ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠିତ ହୋଇଗଲେ ମଧ୍ୟ ଗ୍ରାମର ଯଦି ଉନ୍ନତି ନ ହୁଏ, ତେବେ ଦେଶ ଯେପରି ଅନୁନ୍ନତ, ସେହିପରି ହୋଇ ରହିବ । ଏଣୁ ଗ୍ରାମର ସର୍ବବିଧ ଉନ୍ନତି ପାଇଁ ବ୍ଲକ ସବୁ ଆରମ୍ଭ ହୋଇଛି । ବ୍ଲକ ବର୍ତ୍ତମାନ ଶାସନର ପ୍ରଧାନ ଅଙ୍ଗ । ଏହା ଏକ ସ୍ଥାୟୀ ବିଭାଗ ।

କୃଷି, କ୍ଷୁଦ୍ର ଶିଳ୍ପ, ଶିକ୍ଷା, ଚକିତ୍ସା, ଯୋଗାଯୋଗ ଇତ୍ୟାଦି ସବୁ ଦିଗରେ ଗ୍ରାମର ଉନ୍ନତି ସାଧନ କରିବା ହେଉଛି ବ୍ଲକ ବିଭାଗର କାର୍ଯ୍ୟ । ସହରରେ ଯେଉଁ ସୁବିଧା ଲୋକେ ପାଉଛନ୍ତି, ତହିଁରୁ ଅଧିକେ ସେହି ସୁବିଧା ଗାଁରେ ମଧ୍ୟ ଲୋକେ ଉପଭୋଗ କରନ୍ତୁ ଏହାହିଁ ହେଉଛି ବ୍ଲକର ଉଦ୍ଦେଶ୍ୟ ।

ବ୍ଲକ ଜରିଆରେ ଗ୍ରାମର ଉନ୍ନତି ପାଇଁ ବର୍ତ୍ତମାନ ଯେତେ ଟଙ୍କା ଖର୍ଚ୍ଚ ହେଉଛି, ଏପରି ପୂର୍ବେ କେବେ ହୋଇ ନ ଥିଲା ବା ଏହା କଳ୍ପନା ମଧ୍ୟ କେହି କରି ନ ଥିଲେ । ଟଙ୍କାର ଅଭାବ ବୋଲି ଯେତେ ଅଭିଯୋଗ ନୁହେଁ, ଅଭିଯୋଗ ବେଶୀ ଟଙ୍କା ଅପବ୍ୟୟ ହେଉଛି ବୋଲି । ସାଧାରଣ ଅର୍ଥ ସତ୍ଭାବରେ ସାଧାରଣ କାର୍ଯ୍ୟରେ ଯେପରି ଖର୍ଚ୍ଚ ହୁଏ, ତାହା ସମସ୍ତଙ୍କର ଦେଖିବାର କଥା । ଏହି ହେଉଛି ସୁଯୋଗ, ଯେତେବେଳେ ଗ୍ରାମବାସୀ ନିଜର ଉତ୍ସାହ ଓ ଉଦ୍ୟମ ଫଳରେ ଗ୍ରାମର ସର୍ବାଙ୍ଗୀନ ଉନ୍ନତିସାଧନ କରି ପାରନ୍ତି । ଏହା ମଧ୍ୟ ସେମାନେ କରିବେ; ଏଥିରେ ସନ୍ଦେହ ନାହିଁ ।

ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନାର ମଧ୍ୟଭାଗରେ ଛିଡ଼ା ହୋଇ ସମସ୍ତେ ଦୃଢ଼ ପଣ କରନ୍ତୁ ଯେ ଭାରତ ଯେପରି ଅନ୍ୟ ଯେକୌଣସି ଉନ୍ନତ ଦେଶ ସହିତ ସମକକ୍ଷ ହେବ । ଓଡ଼ିଶା ମଧ୍ୟ ସେହିପରି ଅନ୍ୟ ଯେ କୌଣସି ଉନ୍ନତ ପ୍ରଦେଶ ସହିତ ସମକକ୍ଷ ହେବ । ଓଡ଼ିଶା ତ ଏବେ ପଛରେ ପଡ଼ିଛି । ଯଦି ଯୋଜନା ଏଠି ଠିକଭାବରେ କାର୍ଯ୍ୟ ନ କରେ, ତେବେ ଓଡ଼ିଶା ଆହୁରି ପଛରେ ପଡ଼ିଯିବାର ଆଶଙ୍କା । ଏଣୁ 'ଡବଲ୍ ମାର୍ଚ୍ଚ' କରି ଓଡ଼ିଶାକୁ ଯିବାକୁ ହେବ । ଓଡ଼ିଶାର ଶକ୍ତି ଅଛି, ବୁଦ୍ଧି ଅଛି । କେବଳ ଦୃଢ଼ ପଣ କଲେ ଓଡ଼ିଶା ଭାରତର ସର୍ବଶ୍ରେଷ୍ଠ ପ୍ରଦେଶ ହୋଇ ପାରିବ ।

## ★ ନଅ ★

ଏହି ହେଉଛି ବର୍ତ୍ତମାନ ବିକାଶ-ବିପ୍ଳବ । ସ୍ୱାଧୀନତା-ବିପ୍ଳବ ସମୟରେ ଯେପରି ଉତ୍ସାହ ଓ ସଂଗଠନର ପ୍ରମାଣ ଦେଶ ଦେଇଥିଲା, ବିକାଶ-ବିପ୍ଳବ ସମୟରେ ମଧ୍ୟ ସେହିପରି ବା ତା'ଠାରୁ ବେଶୀ ପ୍ରମାଣ ଦେଉ ।

ବିକାଶ-ବିପ୍ଳବ ଜୟଯୁକ୍ତ ହେଉ । ମହାତ୍ମା ଗାନ୍ଧୀଙ୍କ ଆଶୀର୍ବାଦଭାଜନ ଦେଶ ହେଉ । ଈଶ୍ୱର ଶକ୍ତି ଓ ଉତ୍ସାହ ଦାନ କରନ୍ତୁ ।

ଓଡ଼ିଶାରେ

# ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା

## ଆର୍ଥନୀତିକ ଦିଗ ସଂପର୍କରେ ଆଲୋଚନା

ଯୋଜନା କମିଶନ ଓ ଭାରତ ସରକାରଙ୍କ ସଂପୃକ୍ତ ମନ୍ତ୍ରଣାଳୟମାନଙ୍କ ସହିତ ପରାମର୍ଶ କରାଯାଇ ୧୯୫୮-୫୯ ପାଇଁ ରାଜ୍ୟର ଉନ୍ନୟନ କାର୍ଯ୍ୟକ୍ରମ ବାବଦରେ ୧୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସ୍ଥିର ହୋଇଛି । ୧୯୫୬-୫୭ ପାଇଁ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମରେ ମୋଟରେ ୧୬ କୋଟି ୭୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି; କିନ୍ତୁ ସଂଶୋଧିତ ପ୍ରାକ୍କଳନ ଅନୁସାରେ ୧୯୫୭-୫୮ ପାଇଁ ୧୯ କୋଟି ୪୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଦର୍ଶାଇ ଦିଆଯାଇଛି । ଗତ ବର୍ଷର କାର୍ଯ୍ୟକ୍ରମ ଅପେକ୍ଷା ଚଳିତ ବର୍ଷର କାର୍ଯ୍ୟକ୍ରମର ଆକାରକୁ କାହିଁକି କମାଇ ଦିଆଯାଇଛି, ତାହା ବୁଝାଇ ଦେବା ଦରକାର ।

୧୯୫୬-୫୭ରେ ଯେଉଁ ୧୬ କୋଟି ୭୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି, ସେଥିଭିତରୁ ହୀରାକୁଦ ବନ୍ଧ ଯୋଜନା ବାବଦରେ ୭୨୩.୮୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ୧୯୫୭-୫୮ରେ ଖର୍ଚ୍ଚର ସଂଶୋଧିତ ପ୍ରାକ୍କଳନ ବା ଅଟକଳ ଅନୁସାରେ ଏ ଯୋଜନାରେ

୭୨୩·୮୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ହୀରାକୁଦ ବନ୍ଧ ଯୋଜନା କାର୍ଯ୍ୟକୁ ରାଜ୍ୟର ପ୍ରଥମ ପଞ୍ଚବାର୍ଷିକ ଯୋଜନାରୁ ଅଲଗା ରଖା ଯାଇଥିଲା । ଉକ୍ତ ଯୋଜନାରେ ମୋଟରେ ଯେଉଁ ୨୭୯୯·୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ, ତାକୁ ଦ୍ୱିତୀୟ ଯୋଜନାକାଳରେ ରାଜ୍ୟର ଯୋଜନା ବାବଦରେ ଖର୍ଚ୍ଚ ହେବାକୁ ଥିବା ମୋଟ ୯୯·୯୮ କୋଟି ଟଙ୍କାର ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ପୂର୍ବ ସର୍ତ୍ତ ଅନୁସାରେ ଏ ଯୋଜନାର ଖର୍ଚ୍ଚ ନିର୍ବାହ କରିବା ପାଇଁ ବ୍ୟବସ୍ଥା କରାଯାଇଛି; ଅର୍ଥାତ୍ ଦୀର୍ଘମିଆଦି ଋଣ ସୂତ୍ରରେ କେନ୍ଦ୍ର ସରକାର ଏ ଯୋଜନା ବାବଦ ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି । ଏ ଋଣ ବାବଦ ସୁଧକୁ ମୂଳଧନ ଖର୍ଚ୍ଚରେ ମିଶାଇ ଦିଆଯାଉଛି ଓ ଆପାତତଃ ଏହା ଯୋଜନା ବାବଦ ଖର୍ଚ୍ଚରେ ହିସାବ କରାଯାଇଛି । ଯୋଜନାର ପ୍ରଥମ ପର୍ଯ୍ୟାୟ; ଅର୍ଥାତ୍ ଜଳସେଚନ କାର୍ଯ୍ୟ ବର୍ତ୍ତମାନ ପ୍ରାୟ ଶେଷ ହୋଇ ଗଲାଣି । ତେଣୁ ଗତ ପ୍ରତ୍ୟେକ ୨ ବର୍ଷ ମଧ୍ୟରେ ବହୁତ ବେଶି ଖର୍ଚ୍ଚ ହୋଇଥିବା ଯୋଗୁଁ ଚଳିତ ବର୍ଷ ପଞ୍ଚବାର୍ଷିକ ଯୋଜନା ଖର୍ଚ୍ଚ ମଧ୍ୟରେ ହୀରାକୁଦ ଯୋଜନାରେ ଖର୍ଚ୍ଚ ହେବାପାଇଁ ୪·୫୦ କୋଟି ଟଙ୍କା ବରାଦ କରାଯାଇଛି । ହୀରାକୁଦ ଯୋଜନାର ଖର୍ଚ୍ଚକୁ ବାଦ୍ ଦେଲେ ୧୯୫୬-୫୭ ଓ ୧୯୫୭-୫୮ରେ ଯାହା ଖର୍ଚ୍ଚ ହୋଇଛି ଓ ୧୯୫୮-୫୯ରେ ଯାହା ଖର୍ଚ୍ଚ ହେବ, ତାହାର ବିବରଣୀ ତଳେ ଦିଆଗଲା :—

| | (ଲକ୍ଷ ଟଙ୍କା) |
|---|---|
| ୧୯୫୬-୫୭ ... ... ... | ୮୯୩·୧୦ |
| ୧୯୫୭-୫୮ ... ... ... | ୧,୨୨୫·୨୬ |
| ୧୯୫୮-୫୯ ... ... ... | ୧,୧୬୨·୯୯ |

ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାବଦରେ ବ୍ୟୟ କରାଯାଇଥିବା ଟଙ୍କା ଭିତରୁ ୧୯୫୬-୫୭ରେ ପ୍ରକୃତରେ, ୧୯୫୭-୫୮ର ସଂଶୋଧିତ ପ୍ରାକ୍‌କଳନ ଅନୁସାରେ ଯେତେ ଖର୍ଚ୍ଚ ହେଉଛି ଓ ଚଳିତ ବର୍ଷର ପଞ୍ଚବାର୍ଷିକ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମରେ କେତେ ଖର୍ଚ୍ଚ ହେବ, ତାହାର ବିବରଣ ତଳେ ଦିଆଗଲା । ( ଏ ହିସାବରୁ ହୀରାକୁଦ ଯୋଜନା ବାବଦ ଖର୍ଚ୍ଚକୁ ବାଦ୍ ଦିଆଯାଇଛି ) :—

(ଲକ୍ଷ ଟଙ୍କା)

| ଉନ୍ନୟନ କାର୍ଯ୍ୟ | ୧୯୫୬-୫୭ର ପ୍ରକୃତ ଖର୍ଚ୍ଚ | ୧୯୫୭-୫୮ର ସଂଶୋଧିତ ପ୍ରାକ୍‌କଳନ | ୧୯୫୮-୫୯ର ବଜେଟ୍ ପ୍ରାକ୍‌କଳନ |
|---|---|---|---|
| ୧ । କୃଷି ଓ ସମୂହବିକାଶ ... | ୨୪୪.୬୨ | ୪୧୪.୩୩ | ୪୧୭.୨୧ |
| ୨ । ଜଳସେଚନ ଓ ବିଦ୍ୟୁତ୍ | ୨୧୫.୩୨ | ୩୦୦.୨୧ | ୨୬୮.୦୮ |
| ୩ । ଶିଳ୍ପ ଓ ଖଣି ... | ୬୭.୮୯ | ୯୩.୯୭ | ୧୧୧.୬୯ |
| ୪ । ଯାନବାହନ ଓ ଯାତାୟାତ | ୧୫୦.୦୯ | ୧୧୨.୨୪ | ୬୨.୨୭ |
| ୫ । ସମାଜସେବା ... | ୧୬୪.୨୦ | ୨୩୦.୫୨ | ୨୫୮.୮୯ |
| ୬ । ବିବିଧ ... | ୫୦.୯୮ | ୭୩.୯୯ | ୪୪.୮୫ |

ଏଥିରୁ ଦେଖାଯିବ ଯେ ଉନ୍ନୟନ କାର୍ଯ୍ୟରେ ଅଗ୍ରଗତି ଘଟାଇବା ପାଇଁ କେତେକ କ୍ଷେତ୍ରରେ ବର୍ଷକୁ ବର୍ଷ ଅଧିକରୁ ଅଧିକ ଅର୍ଥ ବ୍ୟବସ୍ଥା କରାଯାଉଥିବା ସଙ୍ଗେ ସଙ୍ଗେ ଚଳିତ ବର୍ଷ ଜଳସେଚନ ଓ ବିଦ୍ୟୁତ୍, ଯାନବାହନ ଓ ଯାତାୟାତ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷଭାବରେ କମ୍ ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି ।

୧୯୫୭-୫୮ରେ ପୂର୍ତ୍ତ ବିଭାଗୀୟ ରାସ୍ତାମାନଙ୍କ ବାବଦରେ ୯୫·୫୬ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଥିବା ସ୍ଥଳେ ଚଳିତ ବର୍ଷ ଏ ବାବଦ ଖର୍ଚ୍ଚକୁ କମାଇ ୫୪·୩୦ ଲକ୍ଷ ଟଙ୍କା କରାଯାଇଛି । ରାସ୍ତା ଓ ପରିବହନ ବିଷୟରେ "ଟ୍ରାନ୍ସପୋର୍ଟ କର୍ପୋରେସନ୍" ଗଠିତ ନ ହେବାଯାଏଁ ସେ ବିଷୟରେ କୌଣସି ଅର୍ଥ ବ୍ୟବସ୍ଥା କରିବା ପାଇଁ ଭାରତ ସରକାର ନାସ୍ତି କଲେ । ସେହିପରି "ଅନ୍ୟାନ୍ୟ" ବାବଦର ଅନ୍ତର୍ଭୁକ୍ତ ନୂଆ ରାଜଧାନୀ ନିର୍ମାଣ କାର୍ଯ୍ୟରେ ଗତ ବର୍ଷ ୬୧·୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବ ବୋଲି ଅନୁମାନ କରାଯାଉଥିଲେ ମଧ୍ୟ ଚଳିତ ବର୍ଷ ଏଥିପାଇଁ ଖର୍ଚ୍ଚ କମାଯାଇ ପ୍ରାୟ ୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ଅବଶ୍ୟ ରାଜ୍ୟ ସରକାର କାର୍ଯ୍ୟ କରି ନ ପାରିବେ ବୋଲି ଯେ ଏପରି କମ ଖର୍ଚ୍ଚର ବ୍ୟବସ୍ଥା ହୋଇଛି, ତାହା ନୁହେଁ; ପ୍ରକୃତରେ ବିଭିନ୍ନ କ୍ଷେତ୍ରର ଆବଶ୍ୟକତାକୁ ଚାହିଁ ଆହୁରି ଅଧିକ କାମ ହାତକୁ ନେବା ପାଇଁ ସରକାର ସମର୍ଥ ଥିଲେ ।

ଏହା କରିବା କାହିଁକି ସମ୍ଭବପର ନ ହେଲା, ତାହାର ଦୁଇଟି କାରଣ ଅଛି, ଏକ ପକ୍ଷରେ ଅଧିକ ଖର୍ଚ୍ଚ କରିବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିଲା । ଚଳିତ ବର୍ଷ ଯୋଜନା ବାବଦରେ ସର୍ବୋଚ୍ଚ ୧୬ କୋଟିରୁ କିଛି ଅଧିକ ଟଙ୍କା ଖର୍ଚ୍ଚ ହେବାପାଇଁ ମନସ୍ଥ କରାଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ସାଢ଼େ ୧୨ କୋଟି ଟଙ୍କାରୁ ଅଧିକ ବ୍ୟବସ୍ଥା କରିପାରିଲେ ନାହିଁ । ଅର୍ଥ କମିଶନଙ୍କ ସୁପାରିଶ ଓ ସ୍ଥାନୀୟ ସମ୍ବଳ ବଢ଼ାଇବାପାଇଁ ସବୁମନ୍ତେ ଯେଉଁ ଉଦ୍ୟମ କରାଯାଇଥିଲା, ସେସବୁ ବିଚାର କରାଯାଇ ରାଜ୍ୟ ସରକାର ମୋଟାମୋଟି ୩·୫ କୋଟି ଟଙ୍କା ଦେବେ ବୋଲି

ଧରାଯାଇଛି । ରାଜ୍ୟ ସରକାରଙ୍କ ନିଜ ସମ୍ବଳ ଓ ସାଧାରଣଭାବେ ତାଙ୍କର ଯେତେ ଖର୍ଚ୍ଚ କରିବା କର୍ତ୍ତବ୍ୟ—ଏ ଦୁଇଟି ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଥିଲା, ତାହା ବରାବର ରହିଆସୁଛି ଓ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ତାହାକୁ ଦୂର କରାଯାଇ ନାହିଁ । ତେଣୁ ରାଜ୍ୟ ସରକାରଙ୍କୁ ଅତିରିକ୍ତ କର ବ୍ୟବସ୍ଥା, ସ୍ୱଳ୍ପ ସଞ୍ଚୟ ବାବଦରେ ଅର୍ଥ ସଂଗ୍ରହ ଓ ସାଧାରଣରୁ ଋଣ ଉଠାଇବା ଉପରେ ବହୁପରିମାଣରେ ନିର୍ଭର କରିବାକୁ ପଡ଼ୁଛି । ଏସବୁ ବ୍ୟବସ୍ଥା ପ୍ରକୃତରେ ଓ ସାଧାରଣ ଆର୍ଥନୀତିକ ଏବଂ ଅନ୍ୟାନ୍ୟ ପରିସ୍ଥିତି ଭିତରେ ଟିକିଏ ପରିବର୍ତ୍ତନଯୋଗ୍ୟ ଓ ଅସ୍ଥାୟୀ । ଅନ୍ୟ ପକ୍ଷରେ ବୈଦେଶିକ ମୁଦ୍ରା ହାସଲ କରିବା ଦିଗରେ ଅସୁବିଧା ରହିଛି; ଲୁହା, ଇସ୍ପାତ୍ ଓ ସିମେଣ୍ଟ ପ୍ରଭୃତି ନିର୍ମାଣ ସାମଗ୍ରୀର ଅଭାବ ରହିଛି ଓ ନିଅଣ୍ଟିଆ ଅର୍ଥ ବ୍ୟବସ୍ଥା ପରିମାଣକୁ କମାଇ ଦେବାର ଆବଶ୍ୟକତା ମଧ୍ୟ ରହିଛି ।

ଉପରୋକ୍ତ ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ ଚଳିତ ବର୍ଷର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । କେଉଁ କାର୍ଯ୍ୟ ଆଗେ ହେବ ଓ କେଉଁ କାର୍ଯ୍ୟ ପଛେ ହେବ ଏବଂ କେଉଁ କେଉଁ କାର୍ଯ୍ୟ ଉପରେ ବିଶେଷ ଧ୍ୟାନ ଦେବାକୁ ହେବ, ସେ ସଂପର୍କରେ ଯୋଜନା କମିଶନ ଯେଉଁ ନିର୍ଦ୍ଦେଶ ଦେଇଥିଲେ, କାର୍ଯ୍ୟକ୍ରମ ତିଆରି କଲାବେଳେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଇଛି । ଯେଉଁସବୁ କାର୍ଯ୍ୟ କରିବାରେ ସବୁଠାରୁ କମ ବୈଦେଶିକ ମୁଦ୍ରା ଆବଶ୍ୟକ, ସେ ସବୁ କାର୍ଯ୍ୟ ପ୍ରଥମେ କରିବାପାଇଁ ଠିକ୍ କରାଯାଇଛି ଓ ଯେଉଁ କାର୍ଯ୍ୟ ଭଲଭାବରେ ଆରମ୍ଭ ହୋଇନାହିଁ, ସେଥିରେ ବୈଦେଶିକ ମୁଦ୍ରା ଦରକାର ପଡୁଥିଲେ ତାକୁ ଚଳିତ ବର୍ଷ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ

କରାଯାଇ ନାହିଁ । ଜଳସେଚନ ଓ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ଆରମ୍ଭ ହୋଇଥିବା ଯେଉଁ କାର୍ଯ୍ୟଗୁଡ଼ିକରୁ ଲାଭ ମିଳିବ, ସେ କାର୍ଯ୍ୟଗୁଡ଼ିକୁ ପ୍ରଥମେ କରିବାପାଇଁ ସ୍ଥିର କରାଯାଇଛି । ବିଦ୍ଧିତ ଉତ୍ପାଦନ ବୃଦ୍ଧି କରିବା, କ୍ଷୁଦ୍ର ଜଳସେଚନ ଓ ମୃତ୍ତିକା ସଂରକ୍ଷଣ ଉପରେ ବିଶେଷଭାବେ ଜୋର ଦିଆଯାଇଛି । ଏସବୁ କୃଷି ସମ୍ପର୍କୀୟ କାର୍ଯ୍ୟ ଦ୍ୱାରା କୃଷି ଉତ୍ପାଦନ ଶୀଘ୍ର ବୃଦ୍ଧି ପାଇବ । ପଞ୍ଚବାର୍ଷିକ ଯୋଜନାର ବିଭିନ୍ନ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟପାଇଁ କର୍ମଚାରୀ ତାଲିମ କରିବା ସକାଶେ ଯଥେଷ୍ଟ ଅର୍ଥ ବ୍ୟବସ୍ଥା କରାଯାଇଛି । ଗତ ଦୁଇବର୍ଷ ଭିତରେ ଯେଉଁସବୁ କାର୍ଯ୍ୟ ବିଶେଷ ଆଗେଇ ଯାଇଛି, ସେସବୁ କାର୍ଯ୍ୟ ପ୍ରଥମେ କରିବାପାଇଁ ସ୍ଥିର କରାଯାଇଛି ।

ଚଳିତ ବର୍ଷପାଇଁ ରାଜ୍ୟ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା କାର୍ଯ୍ୟଗୁଡ଼ିକ ଛଡ଼ା କେନ୍ଦ୍ର ସରକାରଙ୍କ ଅନୁମୋଦିତ କେତେକ କାର୍ଯ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପାଦିତ ହେଉଛି । ଏସବୁ କାର୍ଯ୍ୟପାଇଁ କେନ୍ଦ୍ର ସରକାର ଆଂଶିକ ବା ପୂରାପୂରି ଖର୍ଚ୍ଚ ବହନ କରୁଛନ୍ତି । ଯେଉଁ କାର୍ଯ୍ୟଗୁଡ଼ିକର ଖର୍ଚ୍ଚ କେନ୍ଦ୍ର ସରକାର ପୂରାପୂରି ବହନ କରୁଛନ୍ତି, ସେଗୁଡ଼ିକର ନାମ ତଳେ ଉଲ୍ଲେଖ କରାଗଲା—

୧ । ବନ୍ୟାନିୟନ୍ତ୍ରଣ ଯୋଜନା ।
୨ । ବିଦ୍ୟୁତ୍‌ଚାଳିତ ଯନ୍ତ୍ର ।
୩ । ଜାତୀୟ ରାଜପଥ ।
୪ । ଆନ୍ତର୍ଜାତିକ ବା ଆନ୍ତଃରାଜ୍ୟ ଗୁରୁତ୍ୱବିଶିଷ୍ଟ ରାସ୍ତା ।
୫ । ସହର ଅଞ୍ଚଳରେ ଜଳଯୋଗାଣ ।
୬ । ଅନୁନ୍ନତ ଶ୍ରେଣୀ ମଙ୍ଗଳ ( ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ) ।

୭ । ସାହାଯ୍ୟ ଓ ପୁନର୍ବସତି ।

୮ । ସ୍ଥାନୀୟ ଉନ୍ନୟନ କାର୍ଯ୍ୟ ।

ଉକ୍ତ କାର୍ଯ୍ୟମାନଙ୍କରେ ଯାହା ଖର୍ଚ୍ଚ ହେବ, ତାହା ରାଜ୍ୟ ଯୋଜନା ଖର୍ଚ୍ଚରେ ସାମିଲ ହୋଇନାହିଁ । ଯେଉଁସବୁ କାର୍ଯ୍ୟପାଇଁ କେନ୍ଦ୍ର ସରକାର ଆଂଶିକ ଖର୍ଚ୍ଚ ବହନ କରୁଛନ୍ତି, ସେସବୁ କାର୍ଯ୍ୟରେ ରାଜ୍ୟ ସରକାରଙ୍କ ଖର୍ଚ୍ଚ ରାଜ୍ୟ ଯୋଜନାର ସର୍ବୋଚ୍ଚ ଖର୍ଚ୍ଚର ଅନ୍ତର୍ଭୁକ୍ତ ହୋଇଛି ।

ମୁଦ୍ରାକର—ପଣ୍ଡିତ ଅନସୂୟା ପ୍ରସାଦ ପାଠକ ,
ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ—୧୫,୦୦୦

# ଓଡ଼ିଶା ସରକାର

## ରାଜ୍ୟପାଳ

## ଶ୍ରୀ ଯଶୋବନ୍ତ ନାରାୟଣ ସୁଖ୍‌ଠଣକର

## ମନ୍ତ୍ରିମଣ୍ଡଳ

ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ—ପଲିଟିକାଲ୍ ଆଣ୍ଡ ସର୍ଭିସେସ୍ ଓ ଅର୍ଥ ।

ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ—ଘରୋଇ, ଶିକ୍ଷା ଓ ଆଇନ ।

ଶ୍ରୀ ରାଧାନାଥ ରଥ—ବିକାଶ ।

ଶ୍ରୀ ଦୀନବନ୍ଧୁ ସାହୁ—ଶିଳ୍ପ, ଖଣି ଓ ଭୂତତ୍ତ୍ୱ ।

ଶ୍ରୀ ସତ୍ୟପ୍ରିୟ ମହାନ୍ତି—ରାଜସ୍ୱ, ଅବକାରୀ ଓ ସ୍ୱାୟତ୍ତଶାସନ ।

ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜ ଦେଓ—ପୂର୍ତ୍ତ ।

ଶ୍ରୀମତୀ ବସନ୍ତମଞ୍ଜରୀ ଦେବୀ—ସ୍ୱାସ୍ଥ୍ୟ ଓ ଥଇଥାନ ।

ଶ୍ରୀ ପବିତ୍ରମୋହନ ପ୍ରଧାନ—ଆଦିବାସୀ, ଗ୍ରାମମଙ୍ଗଳ ଓ ବାଣିଜ୍ୟ ।

ଶ୍ରୀ ନୀଳମଣି ରାଉତରାୟ—ଯୋଗାଣ, ଯାତାୟାତ ଓ ଶ୍ରମ ।

ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ—ନଦୀ-ଉପତ୍ୟକା ଉନ୍ନୟନ ।

## ଉପମନ୍ତ୍ରିଗଣ

ଶ୍ରୀ ବୀର ବିକ୍ରମାଦିତ୍ୟ ସିଂହ ବରିହା—ଆଦିବାସୀ ଓ ଗ୍ରାମମଙ୍ଗଳ ।

ଶ୍ରୀ ଶାନ୍ତନୁକୁମାର ଦାସ—ଗ୍ରାମପଞ୍ଚାୟତ, ମତ୍ସ୍ୟପାଳନ ଓ ସମବାୟ ।

ଶ୍ରୀ କୁମୁଦଚନ୍ଦ୍ର ସିଂହ—ଯାନବାହନ ଓ ଲୋକସଂପର୍କ ।

ଶ୍ରୀ ହିମାଂଶୁଶେଖର ପାଢ଼ୀ—କୃଷି ।